# NATIONAL NEWS BULLETIN (ODIA)
## 09th November - 2025
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦୁଇ ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଗତ ରାତିରେ ଆଙ୍ଗୋଲାରେ ପହଞ୍ଚିଲେ ରାଷ୍ଟ୍ରପତି ।

— ଲୁଆଣ୍ଡାଠାରେ ଆଜି ଆଙ୍ଗୋଲା ପ୍ରତିପକ୍ଷଙ୍କ ସହ କରିବେ ଆଲୋଚନା ।

- ଡେରାଡୁନ୍‌ଠାରେ ଉତ୍ତରାଖଣ୍ଡ ରାଜ୍ୟ ଗଠନର ରୌପ୍ୟଜୟନ୍ତୀ ସମାରୋହରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର କାର୍ଯ୍ୟ ।

- ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଶେଷ ।

ଏବଂ

- ରୁଷ୍‌ର ଆକ୍ରମଣରେ ୟୁକ୍ରେନ୍‌ର ଦୁଇଟି ପରମାଣୁ ଶକ୍ତି ଯୋଗାଣ ସବ୍‌ଷ୍ଟେସନ୍ କ୍ଷତିଗ୍ରସ୍ତ ।

## ପ୍ରେଜ୍ - ଆଫ୍ରିକା ଭିଜିଟ୍

ଆଫ୍ରିକାର ଦୁଇ ରାଷ୍ଟ୍ରକୁ ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଙ୍ଗୋଲାରେ ପହଞ୍ଚିଛନ୍ତି । ରାଜଧାନୀ ଲୁଆଣ୍ଡାରେ ଭାରତୀୟ ସମୟ ରାତି ୧୧ଟାରେ ରାଷ୍ଟ୍ରପତି ପହଞ୍ଚିଥିଲେ । ଆଙ୍ଗୋଲାକୁ ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କର ଏହା ପ୍ରଥମ ସରକାରୀ ଗସ୍ତ । ଚଳିତ ବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୪୦ ବର୍ଷ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ମୁର୍ମୁଙ୍କର ଗସ୍ତ ଗୁରୁତ୍ୱ ବହନ କରୁଛି । ପୂର୍ବରୁ ଗତ ମଇ ମାସରେ ଆଙ୍ଗୋଲାର ରାଷ୍ଟ୍ରପତି ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ । ଲୁଆଣ୍ଡାସ୍ଥିତ ରାଷ୍ଟ୍ରପତି ଭବନରେ ଆଜି ରାଷ୍ଟ୍ରପତି ମୁର୍ମୁ ତାଙ୍କର ଆଙ୍ଗୋଲା ପ୍ରତିପକ୍ଷ ଜୋଆଓ ମାନୁଏଲ୍ ଗନ୍‌ସାଲ୍‌ଭେସ୍ ଲୁରେନ୍‌ସୋ'ଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଏହି ଅବସରରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ।

ଆସନ୍ତା ମଙ୍ଗଳବାର ଦିନ ରାଷ୍ଟ୍ରପତି ଆଙ୍ଗୋଲା ସ୍ୱାଧୀନତାର ୫୦ତମ ବାର୍ଷିକୀ ସମାରୋହରେ ଯୋଗଦେବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି

ମୁର୍ମୁ ଆଙ୍ଗୋଲା ସଂସଦକୁ ସମ୍ବୋଧନ କରିବା ସହ ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ, ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆଙ୍ଗୋଲାର ରାଷ୍ଟ୍ରପତିଙ୍କ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା ହୋଇଥିଲା । ଆଙ୍ଗୋଲା ପ୍ରତିରକ୍ଷା ବାହିନୀକୁ ଆଧୁନିକୀକରଣ କରିବା ଲକ୍ଷ୍ୟରେ ଭାରତ ୨ ଶହ ନିୟୁତ ଡଲାରର 'ଲାଇନ୍ ଅଫ୍ କ୍ରେଡିଟ୍'କୁ ମଞ୍ଜୁରି ପ୍ରଦାନ କରିଥିଲା । ରାଷ୍ଟ୍ରପତିଙ୍କ ଏହି ଗସ୍ତ' ଶକ୍ତି ଯୋଗାଣ, ତୈଳ ଅନୁସନ୍ଧାନ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ମଙ୍ଗଳବାରଠାରୁ ୧୩ ତାରିଖ ପର୍ଯ୍ୟନ୍ତ ବୋତ୍ସ୍ୱାନା ଗସ୍ତ କରିବେ । ସେଠାରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ପ୍ରତିପକ୍ଷ ଡୁମା ବୋକୋ'ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ଏହି ଦୁଇ ଆଫ୍ରିକୀୟ ରାଷ୍ଟ୍ରକୁ କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କର ପ୍ରଥମ ଗସ୍ତ । ଆଫ୍ରିକା ତଥା ଦକ୍ଷିଣ ବିଶ୍ୱ ରାଷ୍ଟ୍ରଗୁଡ଼ିକ ସହ ଭାରତର ସହଭାଗିତାକୁ ମଜବୁତ୍ କରିବାରେ ଏହି ଗସ୍ତ ଗୁରୁତ୍ୱ ବହନ କରିବ ।

## ପି.ଏମ୍. - ଡେରାଡୁନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଡେରାଡୁନ୍ ଗସ୍ତରେ ଯାଇ ଉତ୍ତରାଖଣ୍ଡ ରାଜ୍ୟ ଗଠନର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ଏକ ସ୍ମାରକ ଡାକଟିକଟ ଉନ୍ମୋଚନ କରିବା ସହ ସମାବେଶକୁ ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀ’ ୮ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ପାନୀୟଜଳ ଯୋଗାଣ, ଜଳସେଚନ, ବୈଷୟିକ ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, କ୍ରୀଡ଼ା ଓ ଦକ୍ଷତା ବିକାଶ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୨୮ ହଜାରରୁ ଅଧିକ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଡି.ବି.ଟି. ମାଧ୍ୟମରେ ୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ।

## ପି.ଏମ୍. - ଭୁଟାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ଦିନ ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଏବଂ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ୱାଙ୍ଗ୍‌ଚୁକ୍ ୧ ହଜାର ୨୦ ମେଗାୱାଟ୍ ବିଶିଷ୍ଟ

ପୁନତ୍ସାଙ୍ଗ୍ଚୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ୍ କରିବା ନେଇ ମାର୍ଗ ଉନ୍ମୁକ୍ତ କରିବ । ଗସ୍ତ ଅବସରରେ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ ହେବାର ଆଶା କରାଯାଉଛି ।

## ବିହାର ଇଲେକ୍‌ସନ୍

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହେଉଛି । ବିଭିନ୍ନ ରାଜନୈତିକ ଦଳର ନେତା ତଥା ପ୍ରାର୍ଥୀଙ୍କ ପକ୍ଷରୁ ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ସମାବେଶ ଏବଂ ର୍‍ୟାଲିର ଆୟୋଜନ କରାଯାଉଛି । ରାଜନୈତିକ ଦଳଗୁଡ଼ିକର ବହୁ ଷ୍ଟାର୍ ପ୍ରଚାରକ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ

ସମାବେଶକୁ ସମ୍ବୋଧନ କରୁଛନ୍ତି । ଏହି ପର୍ଯ୍ୟାୟରେ ଆସନ୍ତା ମଙ୍ଗଳବାର ଦିନ ୨୦ ଜିଲ୍ଲାର ୧୨୨ଟି ଆସନ ଲାଗି ମତଗ୍ରହଣ କରାଯିବ । ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧୮ଟି ଜିଲ୍ଲାର ୧୨୧ଟି ଆସନରେ ମତଗ୍ରହଣ କରାଯାଇଥିଲା । ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ଫ୍ରି ଟ୍ରେଡ୍

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଶେଷ ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଆର୍ଥିକ ସହଯୋଗ, ଉତ୍ପାଦକତା, ସାମଗ୍ରୀ ଓ ସେବା ବାଣିଜ୍ୟ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଏହି ପର୍ଯ୍ୟାୟରେ ବିସ୍ତୃତ ଆଲୋଚନା ହୋଇଛି । ଏକ ଦୃଢ଼ ଆଧୁନିକ ଏବଂ ସନ୍ତୁଳିତ ଦ୍ୱିପାକ୍ଷିକ ବାଣିଜ୍ୟ ସହଭାଗିତା ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଟଡ୍ ମାକ୍‌କ୍ଲେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଏପର୍ଯ୍ୟନ୍ତ ହୋଇଥିବା ଆଲୋଚନା ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି, ଏହି ଚୁକ୍ତିନାମା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି,

ନିବେଶ କ୍ଷେତ୍ର, ଯୋଗାଣ ଶୃଙ୍ଖଳ ଏବଂ ଉତ୍ତମ ବଜାର ସୃଷ୍ଟିକୁ ପ୍ରୋତ୍ସାହନ ପ୍ରଦାନ କରିବ । ପ୍ରସ୍ତାବିତ ଚୁକ୍ତିନାମା କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ନବୀକରଣୀୟ ଶକ୍ତି, ଔଷଧ, ଶିକ୍ଷା ଏବଂ ସେବା ଭଳି କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୁକ୍ତ କରିବ ବୋଲି ଉଭୟ ନେତା ଆଶାବ୍ୟକ୍ତ କରିଛନ୍ତି ।  ଦ୍ୱିପାକ୍ଷିକ ଅଧିବେଶନ ମାଧ୍ୟମରେ ମତ ବିନିମୟ ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଚୁକ୍ତିନାମାର କାର୍ଯ୍ୟକାରିତାକୁ ବ୍ୟାପକ ତଥା ତ୍ୱରାନ୍ୱିତ କରିବାକୁ ଉଭୟ ଦେଶ ସହମତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଗୋୟଲ୍ - ଭିଜିଟ୍

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ବ୍ୟାପକ ଆର୍ଥିକ ସହଯୋଗ ଚୁକ୍ତିନାମା ଶୀଘ୍ର ଶେଷ କରିବପାଇଁ ଉଭୟ ଦେଶ ସହମତ ହୋଇଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟଷ ଗୋୟଲ୍ କହିଛନ୍ତି । ମେଲ୍‌ବୋର୍ଣ୍ଣଠାରେ ଅଷ୍ଟ୍ରେଲିଆର ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଡନ୍ ଫାରେଲ୍ ଏବଂ ଦକ୍ଷତା ଓ ପ୍ରଶିକ୍ଷଣ ମନ୍ତ୍ରୀ ଆଣ୍ଡ୍ର୍ୟୁ ଗାଇଲ୍‌ସଙ୍କ ଦ୍ୱିପାକ୍ଷିକ ଆଲୋଚନା ପରେ ଶ୍ରୁ ଗୋୟଲ ଏହା କହିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଦୁଇପକ୍ଷ ମଧ୍ୟରେ ଚୁକ୍ତିନାମା ନେଇ ବିସ୍ତୃତ ଆଲୋଚନା ହୋଇଛି ।

ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଆର୍ଥିକ ସହଭାଗିତାକୁ ଅଧିକ ସୁଦୃଢ଼ ରିବା ଲକ୍ଷ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଶ୍ରୀ ଗୋୟଲ ଗତକାଲି ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତ ଶେଷ କରିଛନ୍ତି ।

## ରୁଷିଆ ଷ୍ଟ୍ରାଇକ୍ - ୟୁକ୍ରେନ୍

ୟୁକ୍ରେନ୍ ଉପରେ ଗତକାଲି ରୁଷ୍ ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି । ଦୁଇଟି ପରମାଣୁ ଶକ୍ତି ଯୋଗାଣ ଉପକେନ୍ଦ୍ର କ୍ଷତିଗ୍ରସ୍ତ ହେବା ସହ ୭ ଜଣଙ୍କର ମୃତ୍ୟୁ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି, ଯୋଜନାବଦ୍ଧ ଭାବେ ରୁଷ୍ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି । ୟୁରୋପ୍‌ରେ ପରମାଣୁ ସୁରକ୍ଷାକୁ ରୁଷ୍ ବିପଦରେ ପକାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଡନିପ୍ରୋ ସହରରେ ଡ୍ରୋନ୍‌ଦ୍ୱାରା ଏକ କୋଠାରେ ବୋମା ମାଡ଼ ହେବାରୁ ୩ ଜଣଙ୍କର ମୃତ୍ୟୁ ହେବା ସହ ୧୨ ଜଣ ଆହତ ହୋଇଛନ୍ତି । ଦକ୍ଷିଣ-ପୂର୍ବ ଜାପୋରିଝିଆ ଅଞ୍ଚଳରେ ଏହି ଆକ୍ରମଣରେ ମଧ୍ୟ ୩ ଜଣ ଏବଂ ଉତ୍ତର ଖାରକିଭ୍ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର ଜେନେନେସ୍କି କହିଛନ୍ତି, ରୁଷ୍ ତା'ର ୪୫୦ରୁ ଅଧିକ ଡ୍ରୋନ୍ ମାଧ୍ୟମରେ ବୋମାମାଡ଼ କରିବା ସହ ୪୫ଟି

କ୍ଷେପଣାସ୍ତ୍ର ମାଡ଼ କରିଛି । ଅନ୍ୟପକ୍ଷରେ ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରୁଷ୍ ଉପରେ କିଭ୍’ର ଆକ୍ରମଣର ଜବାବରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଜି.ଏସ୍.ଟି. - ଫୁଟୱେର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସରକାର ପୋଷାକ ଏବଂ ଜୋତା ଶିଳ୍ପକୁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ଚାମୋଇସ୍ ଚମଡ଼ା, ଫାଇବର ଆଧାରିତ କମ୍ପୋଜିସନ୍ ଚମଡ଼ା ଏବଂ ଟ୍ୟାନିଂ ବା କ୍ରଷ୍ଟିଂ ପରେ ପ୍ରସ୍ତୁତ ଚମଡ଼ା ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହାର କରାଯାଇଛି । ଏହାଦ୍ୱାରା ନିର୍ମାତାଙ୍କ ଇନ୍‌ପୁଟ୍ ଖର୍ଚ୍ଚ ହ୍ରାସ ପାଇବା ସହ ଉତ୍ପାଦନ କ୍ଷେତ୍ର ପ୍ରୋତ୍ସାହିତ ହୋଇଛି । ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋତ ଚପଲ ଉପରେ ଜି.ଏସ୍.ଟି. ୫ ପ୍ରତିଶତକୁ ହ୍ରାସ ପାଇଛି । ଏହି ନୂତନ ସଂସ୍କାର ଯୁବ ଏବଂ ମଧ୍ୟମ ଆୟକାରୀ ବର୍ଗଙ୍କପାଇଁ ଅଧିକ ସୁଫଳ ପ୍ରଦାନ କରୁଛି ।

## ଟ୍ରମ୍ପ

ଚଳିତବର୍ଷ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ କୌଣସି ଆମେରିକୀୟ ଅଧିକାରୀ ଯୋଗଦେବେ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ସଂଖ୍ୟାଲଘୁ ଶ୍ୱେତବର୍ଣ୍ଣ ଚାଷୀଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗ ନେଇ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି, ଦକ୍ଷିଣ ଆଫ୍ରିକା ସରକାର ସେଠାକାର ଶ୍ୱେତବର୍ଣ୍ଣ ଚାଷୀଙ୍କ ବିରୁଦ୍ଧରେ ହିଂସା, ହତ୍ୟା ଏବଂ ଅବୈଧ ଜମି ଦଖଲକୁ ଅନୁମତି ପ୍ରଦାନ କରିଛନ୍ତି । ଆସନ୍ତାବର୍ଷ ମିଆମିରେ ଜି-୨୦ ସମ୍ମିଳନୀ ଆୟୋଜନକୁ ସେ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି । ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସରକାର ଏଭଳି ଅଭିଯୋଗକୁ ଦୃଢ଼ଭାବେ ଖଣ୍ଡନ କରିଛନ୍ତି । ରାଷ୍ଟ୍ରପତି ସିରିଲ ରାମାଫୋସା ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ତଥ୍ୟଭିତ୍ତିକ ନୁହେଁ ବୋଲି କହିଛନ୍ତି ।

## କ୍ରିକେଟ୍ - ଟ-ଟ୍ୱେଣ୍ଟି

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ପର୍ଯ୍ୟାୟ ମ୍ୟାଚ୍ ଗତକାଲି ବ୍ରିସ୍‌ବେନ୍‌ଠାରେ ଆରମ୍ଭ

ହୋଇଥିଲେ ମଧ୍ୟ ବର୍ଷା ଯୋଗୁଁ ବାତିଲ୍ କରାଯାଇଛି । ଭାରତକୁ ୨-୧ ସିରିଜ୍‌ରେ ବିଜୟ ଘୋଷଣା କରାଯାଇଛି । ଖେଳ ବନ୍ଦ କରିବା ପୂର୍ବରୁ ଭାରତ ବିନା କୌଣସି ୱିକେଟ୍ ହରାଇ ୫୨ରନ୍ ସଂଗ୍ରହ କରିଥିଲା । ଭାରତର ଶୁଭମନ ଗିଲ୍ ୨୯ରନ୍ କରିଥିବା ବେଳେ ଅଭିଷେକ ଶର୍ମା ୨୩ରନ୍ କରିଥିଲେ । ଅଭିଷେକ୍ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି ।

*****